## ସଂକ୍ଷେପରେ

### ୧୫ ଜଣିଆ ଅନୁଗୋଳ କ୍ରିକେଟ ଦଳ ଘୋଷିତ

**ଅନୁଗୋଳ ଅଫିସ, ୧୨।୧୨:** ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ) ପକ୍ଷରୁ ଆସନ୍ତା ୧୪ ତାରିଖରୁ ଆନ୍ତଃଜିଲା ସିନିୟର ପୁରୁଷ ବର୍ଗ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଓସିଏ ଅନୁବନ୍ଧିତ ଅନୁଗୋଳ ସମେତ ୩୭ ଦଳ ଭାଗନେବେ। ଏଥିପାଇଁ ଅନୁଗୋଳ ଜିଲା କ୍ରିକେଟ୍ ସଂଘ ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁଭ୍ରଜ୍ୟୋତି ମିଶ୍ର (ଅଧିନାୟକ), ସଂଗ୍ରାମ ମାଝି (ଉପ-ଅଧିନାୟକ), ରାକେଶ ଗୋଚ୍ଛାୟତ (ଉଇକେଟ ରକ୍ଷକ), ନର୍ମିମେଶ ଜେନା, ପ୍ରତିଶଙ୍କର ସାହୁ, ଚିନ୍ମୟ ସାହୁ, ଚିନ୍ମୟ ନସ୍କର, ସଞ୍ଜୟ ହର୍ବଟ, ସୂର୍ଯ୍ୟକାନ୍ତ ସାହୁ, ଚନ୍ଦନ ସିଂ, ସତ୍ୟବ୍ରତ ସିଂ, ମିଲନ୍ ସାମଲ, ବସନ୍ତ ସ୍ୱାଇଁ, ରାଜଦୀପ ରୋଶନ୍ ଦାସ, ଦେବୀଦତ୍ତ ସାମଲଙ୍କୁ ସ୍ଥାନ ମିଳିଛି। ସଂଘର କୋଚ୍ ଓ ମ୍ୟାନେଜର ଭାବେ ମିଲନ୍ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଏବଂ କଟକ ସମେତ ୯ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ଟି-୨୦ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳି ଓଡ଼ିଶା କ୍ରିକେଟ୍ ଲିଗ୍‌ରେ ସୁଯୋଗ ପାଇବେ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ ପୂର୍ବରୁ ଅନୁଗୋଳରେ ଆନ୍ତଃ କ୍ଲବ ଟୁର୍ନାମେଣ୍ଟ ଆୟୋଜନ କରାଯାଇ ଜିଲା ଟି-୨୦ ଦଳ ଘୋଷଣା କରାଯାଇଛି।

### ଶଙ୍ଖମୁରକୁ ହରାଇ ଗହମ ଚାମ୍ପିୟନ

**ଖମାର, ୧୨।୧୨:** ପାଲଲହଡ଼ା ବ୍ଲକ ଶଙ୍ଖମୁରଠାରେ ଚାଲିଥିବା ଜିତୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଶଙ୍ଖମୁରକୁ ହରାଇ ଗହମ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶଙ୍ଖମୁର ଦଳ ୧୧୫ ରନ୍ କରିଥିବାବେଳେ ମାତ୍ର ୬ ଉଇକେଟ ହରାଇ ଗହମ ଲକ୍ଷ୍ୟ ହାସଲ କରିନେଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚିନ୍ମୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଅଭିଜିତ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସେହିପରି ଉଦୀୟମାନ ଖେଳାଳି ଭାବେ ମାନସ ସାହୁ, ସର୍ବାଧିକ ଉଇକେଟ ନେଇଥିବା ମୁନା ବେହେରା, ଶ୍ରେଷ୍ଠ ଉଇକେଟ କିପର ମିଥୁନ୍, ଗେମ ଚେଞ୍ଜର ଚିନ୍ମୟ, ସର୍ବାଧିକ ଛକା ମାରିଥିବା ଆକାଶ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ପାଇଁ ଅଜିତ ସେଠୀ, ରୀତେଶ ବିଶ୍ୱାଳ ପୁରସ୍କୃତ ହୋଇଥିଲେ। ଦିବଂଗତ ଜିତୁ ପ୍ରଧାନଙ୍କ ବାପା ନରୋତ୍ତମ ପ୍ରଧାନ ଏବଂ ପୁଅ ସାଇ ପ୍ରଧାନ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଦେବାଶିଷ ପ୍ରଧାନ, ଜାଗ୍ରତ ସାହୁ, ପ୍ରଭାତ ପ୍ରଧାନ, ପ୍ରଜିତ ପ୍ରଧାନ, ରମାକାନ୍ତ ତ୍ରିପାଠୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ୫ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୨।୧୨:** ଢେଙ୍କାନାଳ ଜିଲାରୁ ଶନିବାର ୫ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୫ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ୩, ଭୁବନ ବ୍ଲକର ୧ ଏବଂ ସଦର ବ୍ଲକର ଜଣେ ଅଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୫,୬୬୪ ଏବଂ ଆରୋଗ୍ୟଙ୍କ ସଂଖ୍ୟା ୫,୬୧୪ ହୋଇଛି।

### ୬୦ ପରିବାରକୁ ମିଳିଲା ମଶାରି



**ବଅଁରପାଳ, ୧୨।୧୨(ଡି.ଏନ.ଏ.):** ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ପିବିକେ ହାଇସ୍କୁଲ ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦ ପରିବାରକୁ ମଶାରି ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଏମ୍ଓ ଅଭୟ କୁମାର ଦାସ, ବ୍ଲକ ଅଧକ୍ଷା ଅଞ୍ଜଳି ଭୋଇ, ବିଡିଓ ଏଲିଜା ମିଶ୍ର, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶଙ୍କର୍ଷଣ ଗାହାଣ, ସରପଞ୍ଚ ଫକୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ମୋଟ ୧ ଲକ୍ଷ ୩୨ ହଜାର ହିତାଧିକାରୀଙ୍କୁ ମଶାରି ବଣ୍ଟାଯିବ। ବ୍ଲକ ପ୍ରୋଗ୍ରାମ ଅଫିସର ଆରତୀ ସାହୁ, ପୁଷ୍ପଲତା ପ୍ରଧାନ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଳୁଚାଷ ଛାଡୁଛନ୍ତି ଅନ୍ନଦାତା

■ଅନୁଗୋଳରେ ନାହିଁ ସରକାରୀ ଶୀତଳଭଣ୍ଡାର
■କୃଷି ଓ କୃଷକ ପ୍ରତି ଅବହେଳାକୁ ନେଇ ଅସନ୍ତୋଷ
■ପରିବା ପାଇଁ କୁଲିଂ ଗ୍ୟାମର କରି ଦାୟିତ୍ୱ ଖସାଉଛନ୍ତି

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୧୨।୧୨**

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାର ଉନ୍ନତି ପାଇଁ ଅର୍ଥର ଅଭାବ ନ ଥିବା ସର୍ବଦା କୁହାଯାଉଛି। ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଅର୍ଥ ଉନ୍ନୟନ ବାବଦରେ ଖର୍ଚ୍ଚ କରାଯିବ ବୋଲି ବାରମ୍ବାର ଭରସା ଦିଆଯାଉଛି। କିନ୍ତୁ ସରକାରଙ୍କ ଆଳୁ ମିଶନକୁ ୫ବର୍ଷ ପୂରଣ ହୋଇଯାଇଥିଲେ ମଧ୍ୟ ଅନୁଗୋଳର ଅନ୍ନଦାତାଙ୍କ ପାଇଁ ଗୋଟିଏ ହେଲେ ସରକାରୀ ଶୀତଳଭଣ୍ଡାର ନିର୍ମାଣ ହୋଇପାରି ନାହିଁ। ଫଳରେ ଉତ୍ପାଦିତ ଫସଲର ସଂରକ୍ଷଣ କରି ନ ପାରି କ୍ଷତିଗ୍ରସ୍ତ ଜିଲାର ଆଳୁ ଚାଷୀମାନେ ଏବେ ସେଥିରୁ ମୁହଁ ଫେରାଇ ଅନ୍ୟ ଚାଷ ପ୍ରତି ଆଗ୍ରହ ଦେଖାଉଥିବା ସୂଚନା ମିଳିଛି।

ରାଜ୍ୟରେ ଆଳୁର ଅଭାବ ଦୂର ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ସରକାର ଆଳୁ ମିଶନ ଉପରେ ଗୁରୁତ୍ୱ ଦେଇଥିଲେ। ଶତାଧିକ ଶୀତଳଭଣ୍ଡାର ନିର୍ମାଣ କରି ପ୍ରତି ଜିଲାରେ ଏହି ମିଶନକୁ ବଳ ଯୋଗାଇବାକୁ ଲକ୍ଷ୍ୟ ରଖିଥିଲେ। ଏପରି କି ଯେଉଁ ଜିଲାରେ ସରକାରୀ ଶୀତଳଭଣ୍ଡାର ହୋଇ ନ ପାରିବ ସେଠାରେ ସବ୍‌ସିଡି ଦେଇ ବେସରକାରୀ ଶୀତଳଭଣ୍ଡାକୁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ। ସରକାରଙ୍କ ଏହି ଆଳୁ ମିଶନରେ ଅନୁଗୋଳ ଜିଲାକୁ ସାମିଲ କରାଯାଇଥିଲା। ଏଠାକାର ଚାଷୀମାନେ ମଧ୍ୟ ଶହ ଶହ ହେକ୍ଟର ଜମିରେ ଆଳୁ ଫଳାଇଥିଲେ। କିନ୍ତୁ ସେମାନେ ଉତ୍ପାଦନ କରିଥିବା ଫସଲର ସଂରକ୍ଷଣ ପାଇଁ ସରକାର ଗୋଟିଏ ହେଲେ ଶୀତଳଭଣ୍ଡାର ନିର୍ମାଣ କଲେ ନାହିଁ। ସହର ଉପକଣ୍ଠ କୁଇଓଠାରେ ଯେଉଁ ଏକମାତ୍ର ଘରୋଇ ଶୀତଳଭଣ୍ଡାରକୁ ପ୍ରୋତ୍ସାହନ ଦେଲେ ତାହା ମଧ୍ୟ ଚାଷୀମାନଙ୍କ କାର୍ଯ୍ୟରେ ଆସିପାରିଲା ନାହିଁ। କାରଣ ୫ ହଜାର ମେଟ୍ରିକ୍ ଟନ୍ କ୍ଷମତାର ଏହି ବେସରକାରୀ ଶୀତଳଭଣ୍ଡାର ଆଳୁ ଚାଷୀଙ୍କ ଠାରୁ ବହୁ ଦୂରରେ ରହିଛି। ଫଳରେ ସେଠାରେ ରଖି ପରବର୍ତ୍ତୀ ସମୟରେ ବିକ୍ରି କରିବା ଚାଷୀଙ୍କ ପକ୍ଷେ ଲାଭପ୍ରଦ ହୋଇପାରିଲା ନାହିଁ। ତେଣୁ ପଚିଶଢ଼ି ଯିବାରୁ ବାଧହୋଇ ଚାଷୀମାନେ କମ୍ ମୂଲ୍ୟରେ ବାହାର ବ୍ୟବସାୟୀଙ୍କୁ ବିକ୍ରି କରିଦେଲେ। ଏହାଛଡ଼ା ନିର୍ମାଣ ବେଳେ ଉଦ୍ୟାନ ବିଭାଗର ବୈଷୟିକ ଟିମ୍ ଉପଯୁକ୍ତ ପରାମର୍ଶ ଦେଇ ନ ଥିବାରୁ ସେଠାରେ ଅଳ୍ପ ପରିମାଣର ଆଳୁ ରଖାଯାଇପାରୁ ନାହିଁ। ମଝିରେ ମଝିରେ ଯେଉଁ ଆଳୁ ସଂରକ୍ଷଣ ପାଇଁ ଆସୁଛି, ତାହା କ୍ଷମତାଠାରୁ ଏତେ କମ୍ ଯେ ଅଯଥାରେ ବିଜୁଳି ବିଲ୍ ଗଣିବାକୁ ପଡୁଛି। ଯଦି ଚ୍ୟାମ୍ବର ବ୍ୟବସ୍ଥା ଆରମ୍ଭରୁ ଏଠାରେ କରାଯାଇଥାନ୍ତା ତା'ହେଲେ ଚାଷୀଙ୍କ ଅସୁବିଧା କିଛି ମାତ୍ରାରେ ଦୂର ହୋଇପାରିଥାନ୍ତା। ଏହା ନ ହେବା ଫଳରେ ଏତେ ବଡ଼ ଘରେ ଅଳ୍ପ ପରିମାଣର ଆଳୁକୁ ଥଣ୍ଡା ରଖିବା ପାଇଁ ସମସ୍ୟା ଉପୁଜୁଥିବା ଉଦ୍ୟାନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏପରି କି ଶୀତଳ ଭଣ୍ଡାର ଅଭାବ ଯୋଗୁ ଜିଲାରେ ବିହନ ଆଳୁ ଚାଷ କରାଯାଇଥିଲେ ମଧ୍ୟ ତାହା ଫେଲ୍ ମାରିଛି। ଅଢ଼େଇଶହ ହେକ୍ଟର ଜମିରେ ଏହି ବିହନ ଚାଷ ହୋଇଥିଲା। ଅମଳ ପରେ ବିହନକୁ ଶୀତଳ ଭଣ୍ଡାରରେ ଚାଷୀମାନେ ରଖିଥିଲେ। କିନ୍ତୁ ଖର୍ଚ୍ଚ ଅଧିକ ପଡ଼ିବାରୁ ତାହାକୁ ପରବର୍ତ୍ତୀ ସମୟରେ ବିକ୍ରି କରିଦେଲେ। ତେଣୁ ସଂରକ୍ଷଣ ସୁବିଧା ନ ପାଇ ଆଳୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏହାର ଫାଇଦା ନେଇ କଟକ ଓ କୋଲକାତାର ବ୍ୟବସାୟୀମାନେ ଚାଷୀଙ୍କ ଦୁଆରେ ପହଞ୍ଚି କମ୍ ଅର୍ଥରେ ଆଳୁ କିଣି ନେଉଛନ୍ତି। ଏଥିଯୋଗୁ ଜିଲାର ଆଳୁ ଚାଷୀମାନେ ଏହି ଫସଲରୁ ମୁହଁ ଫେରାଇ ନେଇ ଅନ୍ୟ ପରିବା ଚାଷ କରୁଛନ୍ତି। ସୂଚନାଯୋଗ୍ୟ, ଜିଲାରେ ମୋଟ ୧୮୫୦ ହେକ୍ଟର ଜମିରେ ଆଳୁଚାଷ କରାଯାଉଛି। ଏଥିରୁ ବାର୍ଷିକ ୧୦ ହଜାର ୧୦୦ ମେଟ୍ରିକ ଟନ୍ ଅମଳ ହେଉଛି। ପ୍ରତିବର୍ଷ ଜିଲା ପାଇଁ ୨୩,୦୦୦ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଆଳୁ ଆବଶ୍ୟକ। ତେବେ ଆଳୁ ଚାଷ ପ୍ରତି ଆଗ୍ରହ କମୁଥିବାରୁ ପ୍ରତିବର୍ଷ ଉତ୍ପାଦନ ମଧ୍ୟ ହ୍ରାସ ପାଇବାରେ ଲାଗିଛି।

ଅପରପକ୍ଷରେ ଏହି ପରିବା ଚାଷୀମାନଙ୍କ ପାଇଁ କୁଲିଂ ଗ୍ୟାମର (ପରିବା ସତେଜ ରଖିବା ପାଇଁ ଛୋଟ ଶୀତଳ ଭଣ୍ଡାର) ଯୋଜନା କରାଯାଇଛି। ଜିଲାରେ ୬ ଓ ୧୦ ମେଟ୍ରିକ ଟନ୍ କୁଲିଂ ଗ୍ୟାମର ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଇତିମଧ୍ୟରେ ଅନୁଗୋଳ ବ୍ଲକରେ ୩, ଛେଣ୍ଡିପଦାରେ ୨, ପାଲଲହଡ଼ାରେ ଗୋଟିଏ, କଣିହାଁରେ ଗୋଟିଏ ଓ କିଶୋରନଗରରେ ଗୋଟିଏ କୁଲିଂ ଗ୍ୟାମରକୁ ଅନୁମୋଦନ କରାଯାଇଛି। ଏଥିରେ ଚାଷୀମାନେ ଉତ୍ପାଦନ କରିଥିବା ପରିବା, ପିଆଜ, ରସୁଣ, ଅଦା, ଛତୁ ଓ ଫୁଲକୁ ସପ୍ତାହେ ଯାଏ ରଖିପାରଛନ୍ତି। ତେବେ ଏଥିପାଇଁ ବିଦ୍ୟୁତ୍ ଶୁଳ୍କରେ ସବ୍‌ସିଡି ଦିଆଯାଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


କୁଇଓଠାରେ ଥିବା ଶୀତଳ ଭଣ୍ଡାର।

### କର୍ମଚାରୀ ନ ଥିବାରୁ ହୋଇପାରୁନି



ଉଦ୍ୟାନ ବିଭାଗ ଅଧୀନରେ ଶୀତଳ ଭଣ୍ଡାର ଆସୁଛି। କିନ୍ତୁ ପରିଚାଳନା କରିବାକୁ କର୍ମଚାରୀ ନ ଥିବାରୁ ଅନୁଗୋଳରେ ଏହା ହୋଇପାରୁ ନାହିଁ। ଆଳୁ ମିଶନ ସମୟରେ ଗୋଟିଏ ବେସରକାରୀ ଶୀତଳ ଭଣ୍ଡାର କରାଯାଇଥିଲେ ମଧ୍ୟ ବିଭିନ୍ନ କାରଣରୁ ତାହା ସବୁଦିନେ କାମରେ ଲାଗିପାରୁ ନାହିଁ। ସେଠାରେ ଆଳୁ ଗଚ୍ଛିତ ରଖିବାକୁ ଚାଷୀଙ୍କୁ ସଚେତନ କରାଯାଉଛି। କିନ୍ତୁ ସେମାନେ ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛନ୍ତି।

-ପଦ୍ମଲୋଚନ ଦାସ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଅନୁଗୋଳ

### ଚାଷୀଙ୍କ ସହଯୋଗ ମିଳୁନି



ଆଳୁ ମିଶନ ସମୟରେ ନିର୍ମାଣ ହୋଇଥିବା ବେସରକାରୀ ଶୀତଳ ଭଣ୍ଡାର କ୍ଷତିରେ ଚାଲିଛି। ବ୍ୟାଙ୍କ ଋଣ, ବିଦ୍ୟୁତ୍ ବିଲ୍ ଓ କର୍ମଚାରୀଙ୍କୁ ଦରମା ଦେବା କଷ୍ଟକର ହୋଇପଡୁଛି। ଗତ ୫ ବର୍ଷରେ କ୍ଷମତାର ଏକ ପ୍ରତିଶତ ମାଲ୍ ଏଠାରେ ରହିନାହିଁ। ଏବେ ୫ ଶହ ବସ୍ତା ବି ଗଚ୍ଛିତ ରଖାଯାଇନାହିଁ। ଚାଷୀଙ୍କ ସହଯୋଗ ମିଳୁ ନ ଥିବାରୁ ଏହାକୁ ବନ୍ଦ କରାଯିବ।

-ସତ୍ୟାନନ୍ଦ ଦଳବେହେରା, ଦୁର୍ଗା ଶୀତଳ ଭଣ୍ଡାର ମାଲିକ

### ଘୋଡ଼ା ୬କୁ ଦାନା ୯ଟଙ୍କା



ଜିଲାରେ ଥିବା ବେସରକାରୀ ଶୀତଳଭଣ୍ଡାରରେ ଆଳୁ ରଖିବା ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା ଭଳି। ଏହା ଏତେ ଦୂର ଯେ ସେଠାକୁ ଆଳୁ ନେବା ଲାଭଦାୟକ ହେଲା ନାହିଁ। ସଂରକ୍ଷଣ ଅଭାବରୁ ଉତ୍ପାଦିତ ଆଳୁ ନଷ୍ଟ ହୋଇଗଲା। ତେଣୁ ଘର ନିକଟକୁ ଆସୁଥିବା ବ୍ୟବସାୟୀଙ୍କୁ ସ୍ୱଳ୍ପ ଦରରେ ବିକ୍ରି କରିଦେଇଥିଲୁ। ଏହି କାରଣରୁ ଆଳୁ ଛାଡ଼ି ଛତୁ ଚାଷ କରୁଛି।

-ସୌନ୍ଦର୍ଯ୍ୟ ସାହୁ, ଚାଷୀ, ଅନୁଗୋଳ

### ଘରେ ମିନି କୁଲ୍ ଷ୍ଟୋର କରିଛି



ଶୀତଳଭଣ୍ଡାର ସୁବିଧା ନ ଥିବାରୁ ଅମଳ ଫୁଲ ରଖିବାକୁ ମିନି କୁଲ ଷ୍ଟୋର ଘରେ ଲଗାଇଛି। ସଂରକ୍ଷଣ ସୁବିଧାକୁ ଦୃଷ୍ଟିରେ ରଖି ଗେଣ୍ଡୁ, ଗୋଲାପ, ରଜନୀଗନ୍ଧା ଆଦି ଚାଷ କରୁଛି। ସପ୍ତାହେ ଧରି ରଖିବାର ସୁବିଧା ଥିବାରୁ ବିକ୍ରିରେ ଅସୁବିଧା ହେଉନାହିଁ। ମିନି କୁଲ୍ ଷ୍ଟୋର କରୁଥିବା ଚାଷୀଙ୍କୁ ସରକାର ବିଜୁଳିରେ ସବ୍‌ସିଡି ପ୍ରଦାନ ବ୍ୟବସ୍ଥା କଲେ ଭଲ ହେବ।

-ଦିଲୀପ କୁମାର ପ୍ରଧାନ, ଚାଷୀ, ଅନୁଗୋଳ

### ସବୁ ବ୍ଲକରେ ଶୀତଳଭଣ୍ଡାର ହେଉ



ଆଗରୁ ଆଳୁ ଚାଷ କରୁଥିଲି। କିନ୍ତୁ ରକ୍ଷଣାବେକ୍ଷଣ ସୁବିଧା ନ ଥିବାରୁ ତାହା ଛାଡ଼ି ଅନ୍ୟ ପରିବା ଚାଷ କରୁଛି। ମିନି କୁଲ୍ ଷ୍ଟୋର ପାଇଁ ଉଦ୍ୟାନ ବିଭାଗ ନିକଟରେ ଆବେଦନ କରିଥିଲି। ହେଲେ ଅଧିକ ଖର୍ଚ୍ଚ ପଡୁଥିବାରୁ ତାହା ସମ୍ଭବ ହେଲାନାହିଁ। ଜିଲାର ସବୁ ବ୍ଲକରେ ସରକାର ଶୀତଳଭଣ୍ଡାର ନିର୍ମାଣ କଲେ ଚାଷୀମାନେ ଉପକୃତ ହୋଇପାରନ୍ତେ।

-ଟିକନ ମହାଲିକ, ଚାଷୀ, ବଅଁରପାଳ

## ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ

# ଓମ୍‌ପ୍ରକାଶ, ଛବିକୁମାର, ବାବୁଲି ସଭାପତି


ଓମ୍ ପ୍ରକାଶ ଶରଣ


ବାବୁଲି ସେଠୀ


ଛବି କୁମାର ସାହୁ

**ଢେଙ୍କାନାଳ ଅଫିସ/ତାଳଚେର(ନି.ପ୍ର.)/ଭୁବନ(ଡି.ଏନ୍.ଏ.), ୧୨।୧୨**

ଢେଙ୍କାନାଳ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଓମ୍ ପ୍ରକାଶ ଶରଣ, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ପ୍ରଦୀପ୍ତ କୁମାର ତ୍ରିପାଠୀ, କୋଷାଧକ୍ଷ ସୁଶାନ୍ତ କୁମାର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବ୍ରହ୍ମାନନ୍ଦ ରାଉତଙ୍କୁ ଚୟନ କରାଯାଇଥିବା ନିର୍ବାଚନ ଅଧିକାରୀ ପତିତପାବନ ମହାପାତ୍ର ଘୋଷଣା କରିଛନ୍ତି। ଆସନ୍ତା ନିର୍ବାଚନ ଯାଏ ସେମାନେ ଦାୟିତ୍ୱ ତୁଲାଇବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ତାଳଚେର ଓକିଲ ସଂଘର ନୂତନ ସଭାପତି ଭାବେ ଛବି କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ପ୍ରଧାନ, ଉପସଭାପତି ସାଧିଆ ବେହେରା, ଟ୍ରେଜେରର ରବୀନ୍ଦ୍ର ସାମନ୍ତ ଏବଂ ଅଡିଟର ଭାବେ ଜଗଦୀଶ୍ୱର ସାହୁ ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ଡିଗ୍ରୀ, ସେମିନାର ସମ୍ପାଦକ କରୁଣାକର ନାୟକ ଏବଂ ଯୁଗ୍ମ ସମ୍ପାଦକ ବିପୁଳ ଦେବ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ଭୁବନ ଓକିଲ ସଂଘର ସଭାପତି ଭାବେ ବାବୁଲି ସେଠୀ ନିର୍ବାଚିତ ହୋଇଛନ୍ତି। ସେ ସନାତନ ଗୁରୁଙ୍କ ପରାଜିତ କରିଛନ୍ତି। ଉପସଭାପତି ଶଶଧର ମହାନ୍ତି, ସମ୍ପାଦକ ପ୍ରହ୍ଲାଦ ସାହୁ, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ବେହେରା, କୋଷାଧକ୍ଷ ଜଗବନ୍ଧୁ ସାହୁ, ପାଠାଗାର ସମ୍ପାଦିକା ଭାବେ ମଞ୍ଜୁଲତା ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଭାସ୍କର ସାଇଁ ନିର୍ବାଚନ ପରିଚାଳନା କରିଥିଲେ।

### ଆଠମଲ୍ଲିକରେ ଯୁଗ୍ମ

**ଆଠମଲ୍ଲିକ, ୧୨।୧୨(ଡି.ଏନ.ଏ.)**

ଆଠମଲ୍ଲିକ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସଭାପତି ଭାବେ ପ୍ରାଣବନ୍ଧୁ ମେଣ୍ଡୁଲୀ, ଅନ୍ତର୍ଯ୍ୟାମୀ ରାଉଳ, ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ପ୍ରମୋଦ ପ୍ରଧାନ, ସହ ସମ୍ପାଦକ ଅଜିତ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଜିତେନ ମିଶ୍ର, ପୀତବାସ ସାହୁ, ବିଜୟ ମହାକୁଡ଼ ନିର୍ବାଚନ ପରିଚାଳନା କରିଥିଲେ।

# ଦିଲୀପ ସଭାପତି, ସୋମନାଥ ସାଧାରଣ ସମ୍ପାଦକ



ମତଦାନ ଚାଲିଛି

**ଅନୁଗୋଳ ଅଫିସ, ୧୨।୧୨**

ଅନୁଗୋଳ ଓକିଲ ସଂଘର ଅବଶିଷ୍ଟ କାର୍ଯ୍ୟକାଳ ୨୦୨୦-୨୧ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦିଲୀପ କୁମାର ସାହୁ, ଉପସଭାପତି ନିରୋଦ ମିଶ୍ର, ସାଧାରଣ ସମ୍ପାଦକ ସୋମନାଥ ରାଉତ, ସହ ସମ୍ପାଦକ ଭାବେ ଧର୍ମେନ୍ଦ୍ରନାଥ ମିଶ୍ର ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ପଦବୀରେ ଲଢୁଥିବା ନୀଳକଣ୍ଠ ନାଏକ ଏବଂ ମନୋଜ ପ୍ରଧାନ ସମାନ ଭୋଟ ପାଇଥିଲେ। ଧର୍ମଗୁଳାରେ ମନୋଜ ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ଭାବେ ପ୍ରଶାନ୍ତ ଆଚାର୍ଯ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଥିବା ନିର୍ବାଚନ ଅଧିକାରୀ ଅଶୋକ ମିଶ୍ର ସୂଚନା ଦେଇଛନ୍ତି। ସଂଘର ମୋଟ ୪୬୧ ସଭ୍ୟଙ୍କ ମଧ୍ୟରୁ ୪୨୧ ଜଣ ମତଦାନ କରିଥିଲେ। ସଭ୍ୟ ଭୂପେଶ ଚନ୍ଦ୍ର ପ୍ରଧାନ, ସନ୍ତୋଷ ନାୟକ, ଅଶୋକ ପଟ୍ଟନାୟକ, ଅଶୋକ ରଥ, ସୁମନ୍ତ ବିଶ୍ୱାଳ, ହୃଦୟନାଥ ସାହୁ, ବିରଞ୍ଚି ସାହୁ, ପବିତ୍ର ମୁଦୁଲି, ପାର୍ଥସାରଥୀ ପ୍ରଧାନ, ସତ୍ୟଜିତ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୧୫ରୁ କେନ୍ଦୁପତ୍ର କର୍ମଚାରୀଙ୍କ ଅନଶନ

■ଦସ୍ତଖତ ନେଇ ଦରମା ଟଙ୍କା ହଡ଼ପ ଅଭିଯୋଗ
■ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଲେ
■ବିଭାଗକୁ ଅଯଥା ବଦନାମ କରାଯାଉଛି: ଆଠମଲ୍ଲିକ ଡିଭିଜନ ଡିଏଫ୍ଓ


ବଇଣ୍ଡାସ୍ଥିତ କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ।

**ବଇଣ୍ଡା, ୧୨।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପାସ୍ଥିତ ବଇଣ୍ଡା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ହେଉଛି। କାର୍ଯ୍ୟରତ ସର୍କଲ ଚେକର ୪ ମାସ, ମୁନିସି ଏବଂ ଚପରାସୀଙ୍କୁ ମାସେ ହେଲା ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ନିୟମିତ ଦରମା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ କର୍ମଚାରୀମାନେ ଦାବି କରୁଥିଲେ ହେଁ ଏହାକୁ କେହି ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଚଳିତ ୧୫ତାରିଖରେ ଅସନ୍ତୋଷ କର୍ମଚାରୀମାନେ କେନ୍ଦୁପତ୍ର କାର୍ଯ୍ୟାଳୟରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, କେନ୍ଦୁପତ୍ର ରେଞ୍ଜ୍ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ବଇଣ୍ଡା ରେଞ୍ଜ ଅଧୀନରେ ୬୩ ଫଡ଼ି ରହିଛି। ଏଥିରେ ୪ ସର୍କଲ ଚେକର, ୬୩ ମୁନ୍‌ସୀ, ୫୦ ଚପରାସୀ କାର୍ଯ୍ୟ କରୁଛନ୍ତି। ୨୦୧୯ ମାର୍ଚ୍ଚ ୧ରୁ ଅକ୍ଟୋବର ୩୧ ଯାଏ ୮ ମାସ ଧରି ୪ ସର୍କଲ ଚେକର କେନ୍ଦୁପତ୍ର ଗୋଛିକଟା, ତୋଳିବା, ବନ୍ଧେଇ କରିବା, ଫଡ଼ି ମରାମତି ଆଦି କାର୍ଯ୍ୟ କରିଛନ୍ତି। ସେମାନଙ୍କୁ ୪ ମାସର ଦରମା ମିଳିଛି। ଦସ୍ତଖତ ନେଇ ବଳକା ୪ ମାସର ଦରମା ଉଠାଇ ହଡ଼ପ କରାଯାଇଛି। ସେହିପରି ମୁନ୍‌ସୀ ଏବଂ ଚପରାସୀମାନେ ମାସେ ୧୦ ଦିନ କାର୍ଯ୍ୟ କରିଥିବାବେଳେ ମାସକର ଦରମା ପାଇନାହାନ୍ତି। ଏହାର ପ୍ରତିବାଦ କଲେ ଅଧିକାରୀ ଅସଦ୍ ବ୍ୟବହାର କରୁଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ ବିଭାଗୀୟ ପଦାଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ବାମଦେବ ସାହୁ, କୃତାର୍ଥ ସାହୁ, ସାଗର ନାୟକ, ଚକ୍ରଧର କର୍ମୀ, ସୁରମଣି ଦେହୁରୀ, ଯଜ୍ଞେଶ୍ୱର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

କର୍ମଚାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ସମ୍ପର୍କରେ ରେଞ୍ଜର ନିରଦ କୁମାର ସାହୁଙ୍କୁ ପଚାରିବାରେ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଆଠମଲ୍ଲିକ ଡିଭିଜନ (କେନ୍ଦୁପତ୍ର) ଡିଏଫ୍ଓ ଶରତ ଚନ୍ଦ୍ର ମହାରଣା କୁହନ୍ତି, କାମ ଅନୁଯାୟୀ କର୍ମଚାରୀଙ୍କୁ ଦରମା ମିଳିଛି। ସେମାନେ ଅଯଥା ବିଭାଗକୁ ବଦନାମ କରୁଛନ୍ତି।

# ସିସିଟିଭି ସର୍ଭିଲାନ୍ସ ଶିଥିଳ

■ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା
■୯ବର୍ଷ ହେଲା ଜଳୁନି ସିଗ୍‌ନାଲ ଲାଇଟ୍
■ଜଗିବାକୁ ନାହାନ୍ତି ଆବଶ୍ୟକ କର୍ମଚାରୀ

**ଢେଙ୍କାନାଳ ଅଫିସ, ୧୨।୧୨**

ଜାନୁୟାରୀ ପହିଲାରୁ କଡ଼ାକଡ଼ି ହେବ ନୂତନ ଟ୍ରାଫିକ୍ ନିୟମ। ଜୋର୍‌ଦାର ହେବ ଧରପଗଡ଼। ନିସ୍ତାର ପାଇବେନି ଉଲ୍ଲଂଘନକାରୀ। ଏଥିଲାଗି ପୋଲିସକୁ ପ୍ରସ୍ତୁତି ଆରମ୍ଭ କରିବାକୁ ଜାରି ହୋଇଛି ସରକାରୀ ନିର୍ଦ୍ଦେଶନାମା। ତେବେ ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲାର ଅସଜଡ଼ା ଟ୍ରାଫିକ୍ ଭିତ୍ତିଭୂମି, ଅଚଳ ଟ୍ରାଫିକ୍ ସିଗ୍‌ନାଲ, ଆନୁଷଙ୍ଗିକ ବୈଷୟିକ କୌଶଳର ଅଭାବ, ସର୍ବୋପରି ଶିଥିଳ ପଡ଼ିଥିବା ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥାକୁ ଦେଖିଲେ ଆଇନ କିଭଳି କାର୍ଯ୍ୟକାରୀ ହେବ ତାହାକୁ ନେଇ ଏବେଠୁ ସୃଷ୍ଟିହେଲାଣି ପ୍ରଶ୍ନବାଚୀ।

ଜିଲାର ପ୍ରଶାସନିକ କେନ୍ଦ୍ରସ୍ଥଳ ଢେଙ୍କାନାଳ ସହର। ଏଠାକୁ ବିଭିନ୍ନ କାର୍ଯ୍ୟରେ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ପୌରାଞ୍ଚଳରେ ବୃଦ୍ଧି ପାଉଥିବା ଯାନବାହନ ଚଳାଚଳ ଏବଂ ଏହାକୁ ନେଇ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଲାଗି ୨୦୧୧ରେ ଏନ୍‌ଟିପିସି, ଲାନ୍‌କୋ କମ୍ପାନୀ ସହାୟତାରେ ବସ୍‌ଷ୍ଟାଣ୍ଡ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଗଣେଶ ବଜାର, ମହାବୀର ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ, ବାଜିଚୌକ, ଚନ୍ଦନ ବଜାର, ଷ୍ଟେଶନ ବଜାର ଏବଂ କଣ୍ଟାନାଳୀ ବାଇପାସ୍‌ରେ ୮ ଟ୍ରାଫିକ୍ ସିଗ୍‌ନାଲ ପୋଷ୍ଟ ନିର୍ମାଣ କରାଯାଇଥିଲା। ବିଦ୍ୟୁତ୍ ଚାଳିତ ଉକ୍ତ ସିଗ୍‌ନାଲ ପୋଷ୍ଟ କିଛିଦିନ କାମ କରିବା ପରେ ଅଚଳ ହୋଇପଡ଼ିଥିଲା। ଏଗୁଡ଼ିକୁ ସଜାଡ଼ିବା ଲାଗି ଏନ୍‌ଟିପିସି ପକ୍ଷରୁ ୨୦୧୪ ଅଗଷ୍ଟରେ ୬ଲକ୍ଷ ୧୨ହଜାର ଟଙ୍କା ଦିଆଯାଇଥିଲା। ହେଲେ ତତ୍କାଳୀନ ପୋଲିସ ମୁଖିଆ ଏହା ଉପରେ ଆପତ୍ତି ଉଠାଇ ଅର୍ଥ ଫେରାଇ ଦେଇଥିଲେ। ସେହିଦିନଠାରୁ ରକ୍ଷଣାବେକ୍ଷଣ ଅଭାବରୁ ଟ୍ରାଫିକ୍ ସିଗ୍‌ନାଲ ଅଚଳ ହୋଇପଡ଼ିଛି। ପୋଲିସ ବିଭାଗ ଏହାର ମରାମତି ଲାଗି ଆନ୍ତରିକତା ଦେଖାଉନାହିଁ।

ସେହିପରି ଦ୍ରୁତଗାଡ଼ିଚାଳନା ଉପରେ ଅଙ୍କୁଶ ଲଗାଇବା, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ ଏବଂ ଦୁର୍ଘଟଣା ଘଟାଇ ଫେରାର ହୋଇଯାଉଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନରେ ୨ ବର୍ଷ ତଳେ ଲଗାଯାଇଥିଲା ସିସିଟିଭି କ୍ୟାମେରା। ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ଆବାସିକ କାର୍ଯ୍ୟାଳୟରେ ଏହାର ମନିଟରିଂ ବ୍ୟବସ୍ଥା ରହିଛି। ହେଲେ ଏହାର ତଦାରଖ ଠିକ୍ ଭାବେ ହେଉନାହିଁ। ଫଳରେ ନିୟମ ଭାଙ୍ଗି ଗାଡ଼ି ଚଳାଉଥିବା ଚାଳକ ସହଜରେ ଖସି ପଳାଉଥିବାବେଳେ ସେମାନଙ୍କୁ ଧରିବା କାଠିକର ପାଠ ହେଉଛି। ଟ୍ରାଫିକ୍ ସମସ୍ୟା ସୁଧାରିବା ଦିଗରେ କର୍ମଚାରୀ ଅଭାବ ଅନ୍ୟ ଏକ ସମସ୍ୟା ହୋଇଛି। ୪ମାସ ହେଲା ଜିଲା ପୋଲିସ ମୁଖିଆ ପଦବୀ ଖାଲିପଡ଼ିଛି। ପଡ଼ୋଶୀ ଅନୁଗୋଳ ଜିଲାର ଏସ୍‌ପି ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। ସେହିପରି ଜିଲାରେ ୩ ଟ୍ରାଫିକ୍ ହାବିଲଦାର, ୫ କନଷ୍ଟେବଳ ପଦବୀ ରହିଥିବାବେଳେ ବର୍ତ୍ତମାନ ୨ ହାବିଲଦାର ଏବଂ ୩ କନଷ୍ଟେବଳରେ କାମ ଚାଲିଛି।

ଏ ସଂକ୍ରାନ୍ତରେ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ଟ୍ରାଫିକ ସିଗ୍‌ନାଲ ନିହାତି କାର୍ଯ୍ୟ କରିବା କଥା। ଏହାକୁ ଲଗାଇଥିବା କମ୍ପାନୀ ହିଁ ମରାମତି କରିପାରିବ। ଏଗୁଡ଼ିକର ମରାମତି ଲାଗି ପଦକ୍ଷେପ ନିଆଯିବ। ସିସିଟିଭି କ୍ୟାମେରା ଠିକ୍ ଭାବେ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।


ଭାଙ୍ଗିପଡ଼ିଥିବା ଏକ ଟ୍ରାଫିକ୍ ସିଗ୍‌ନାଲ ଲାଇଟ୍।

### ଥାଇ ଲାଗୁନି କାମରେ

କୋଭିଡ୍ ସମୟରେ ଅଧିକ ଜନସମାଗମକୁ ବାରଣ କରାଯାଉଛି। ନିୟମ ଉଲ୍ଲଂଘନ କଲେ ଫାଇନ ଆଦାୟ ବ୍ୟବସ୍ଥା ରହିଛି। ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରୁ ଦୈନିକ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। କାର୍ଯ୍ୟାଳୟ ଆଗରେ ସିସିଟିଭି ଲାଗିଛି। ବିଭିନ୍ନ ଘଟଣାବଳୀ ରେକର୍ଡିଂ ବି ହେଉଛି। ହେଲେ ବିଭିନ୍ନ ଦାବି ନେଇ ଅନେକ ସଙ୍ଗଠନ ବିକ୍ଷୋଭ ସମାବେଶ, ଗଣ ଆନ୍ଦୋଳନ କରୁଥିଲେ ମଧ୍ୟ ସେମାନଙ୍କଠାରୁ ଫାଇନ ଆଦାୟ ହେଉନାହିଁ। ସହରର ସିସିଟିଭି ବ୍ୟବସ୍ଥା କେବଳ ଲୋକଦେଖାଣିଆ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

